ବାତ୍ୟା ସମୟରେ ପ୍ରାଣୀମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯିବାରୁ ବିଭିନ୍ନ ରୋଗ (ଥଣ୍ଡା, କାଶ, ଗଳାଫୁଲା, ଫାଟୁଆ, ସାହାଣ, ବଜବଜିଆ, ଅଢେଇ ଦିନିଆ ଜ୍ୱର ଓ ଥନହରା) ଦେଖାଯାଇଥାଏ । ବାତ୍ୟା ପରିବେଶ ଯୋଗୁଁ ମାନସିକ ଓ ଶାରୀରିକ ଚାପ ଯୋଗୁଁ ପ୍ରାଣୀଟିର କୌଣସି ରୋଗ ଅଥବା ଅସ୍ୱାଭାବିକ ଲକ୍ଷଣ ଦେଖିଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖାଇବାକୁ ଦିଅନ୍ତୁ ତଥା ସଂକ୍ରାମକ ରୋଗ ନ ହେବା ପାଇଁ ଟୀକା ଓ କୃମି ନାଶକ ଔଷଧ ଦିଅନ୍ତୁ। ପାଣିଜମି ରହି କୃମି ମାନଙ୍କ ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ତରଳ ଝାଡ଼ା ହେଉଥିଲେ ବା ଖରାପ ପାଗ ସମୟରେ କୃମି ଔଷଧ ହଠାତ୍ ଦିଅନ୍ତୁ ନାହିଁ । ନିମ୍ବପତ୍ର, ହଳଦୀ ପାଉଡର୍ ଓ ତୁଳସୀ ପତ୍ର ଦିନକୁ ଦୁଇ ଥର କରି ସାତ ଦିନ ଖାଇବାକୁ ଦେଲେ ରୋଗ ପ୍ରତିରୋଧକ ଶକ୍ତି ବଢେ ଓ କୃମି ନାଶ ହୋଇଥାଏ ।



## ସରକାରୀ ସହାୟତା

ବାତ୍ୟା ପରେ ସରକାର ପଶୁ ମୃତ୍ୟୁ, ଗୁହାଳ ଭଙ୍ଗା ଓ ଅନ୍ୟାନ୍ୟ କ୍ଷେତ୍ରରେ କିଛି ସହାୟତା ରାଶି ତଥା ପ୍ରାଣୀ ଚିକିତ୍ସା ଶିବିରର ଘୋଷଣା କରିଥାନ୍ତି । ଏହି ସହାୟତା ପାଇବା ପାଇଁ ସ୍ଥାନୀୟ ସରପଂଚ, ରାଜସ୍ୱ ଅଧିକାରୀ ଓ ପ୍ରାଣୀସଂପଦ ଅଧିକାରୀଙ୍କୁ ଯଥା ଶୀଘ୍ର ସଂପର୍କ କରି ଆବଶ୍ୟକ ପଦକ୍ଷେପ ନିଅନ୍ତୁ । ସହାୟତା ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଅଥବା ୦୬୭୧-୨୪୧୪୩୧୦ ନମ୍ବରରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର କଣ୍ଟ୍ରୋଲରୁମ୍ ସହ ଯୋଗାଯୋଗ କରନ୍ତୁ।

କୃଷି ବିଜ୍ଞାନ କେନ୍ଦ୍ର ବୈଷୟିକ ଇସ୍ତାହାର : ୨୭ (ଅକ୍ଟୋବର ୨୦୨୧)

ସଂପାଦନା: ଡା. ରଞ୍ଜନ କୁମାର ମହାନ୍ତ

ସହଯୋଗିତା: ବିଭୂତି ଭୂଷଣ ପଲାଇ, ସତ୍ୟ ରଞ୍ଜନ ରାଉତ ଓ ଅରବିନ୍ଦ ବିଶୋଇ

ପ୍ରକାଶକ: ଭାରପ୍ରାପ୍ତ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର କଟକ

ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

E-mail: kvkcuttack@gmail.com Website : http://kvkcuttack.com

# ବାତ୍ୟା ପୂର୍ବାପର ଗୋରୁଗାଇଙ୍କ ଯତ୍ନ

ରଞ୍ଜନ କୁମାର ମହାନ୍ତ, ଦିଲ୍ଲୀପ ରଞ୍ଜନ ଷଡଙ୍ଗୀ,
ତୁଷାର ରଞ୍ଜନ ସାହୁ, ଦେବାଶିଷ ଜେନା ଓ ସୁଜାତା ସେଠୀ



ଜଳବାୟୁ ପରିବର୍ତ୍ତନ ଫଳରେ ଆମ ଓଡିଶା ପ୍ରାୟ ପ୍ରତି ବର୍ଷ ଫନି, ହୁଡ୍‌ହୁଡ୍, ଅମ୍ଫାନ୍ ଭଳି ବାତ୍ୟାର ସମ୍ମୁଖୀନ ହେଉଛି । ଏହା ଦ୍ୱାରା କୃଷି ଓ ପଶୁପାଳନ ବହୁଳ ଭାବେ ପ୍ରଭାବିତ ହେଉଛି । ବାତ୍ୟା ପୂର୍ବରୁ ଓ ପରେ ମଣିଷ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ, ସେମାନେ ଗୃହପାଳିତ ପଶୁପକ୍ଷୀଙ୍କର ସଠିକ୍ ଯତ୍ନ ନେଇପାରି ନଥାନ୍ତି । ତେଣୁ ବାତ୍ୟା ପୂର୍ବରୁ, ବାତ୍ୟା ସମୟରେ ଓ ବାତ୍ୟା ପରେ ଉଚିତ୍ ପଦକ୍ଷେପ ନେଲେ ପ୍ରାଣୀ ସଂପଦର ଜୀବନ ହାନି, ଉତ୍ପାଦନ ହ୍ରାସ ଓ ରୋଗ ସଂକ୍ରମଣ ଭଳି ଅନେକ ସମସ୍ୟାକୁ ଏଡାଇ ଦିଆଯାଇପାରିବ।

## ଗୁହାଳ ଘର

ବାତ୍ୟା ସମୟରେ ଗୁହାଳ କାନ୍ଥ ତଥା ଗଛ ପଡି ପଶୁମାନଙ୍କର ହାଡଭାଙ୍ଗିବା ଘଟଣା ଦେଖିବାକୁ ମିଳିଥାଏ । ବାତ୍ୟା ପୂର୍ବରୁ ସମୟ ଥିଲେ ଗୁହାଳର କାନ୍ଥ ଓ ଛାତର ମରାମତି କରାନ୍ତୁ । ବାତ୍ୟା ସମୟରେ ଗଛତଳେ ଗାଇଗୋରୁଙ୍କୁ ବାନ୍ଧନ୍ତୁ ନାହିଁ, ତଥା ଗୁହାଳରେ ରଖିଲେ ପଘା ବାନ୍ଧନ୍ତୁ ନାହିଁ । ବାତ୍ୟା ସମୟରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରନ୍ତୁ । ବାତ୍ୟାରେ ଗୁହାଳ ଆଂଶିକ ବା ସଂପୂର୍ଣ୍ଣ ଭାଙ୍ଗି ଯାଇଥିଲେ ପଶୁଙ୍କୁ ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ । ବାତ୍ୟା ପରେ ଆଶ୍ରୟ ସ୍ଥଳରେ ଗାଇଗୋରୁ ଓ ଛେଳି ମେଣ୍ଢା ମିଶି ରହିଲେ, ତାଙ୍କୁ ଦୂରତା ରଖି

ବାନ୍ଧନ୍ତୁ । ଗୁହାଳ ଆଖପାଖରେ ଯଦି କିଛି ଗଛ ଭାଙ୍ଗି ପଡିଥାଏ, ତେବେ ଖୁବ୍ ଶୀଘ୍ର ସଫା କରନ୍ତୁ ତଥା ପାଣି ଜମିଥିବା ସ୍ଥାନକୁ ମାଟି ପକାଇ ସମତୁଲ କରନ୍ତୁ । ଗୁହାଳର ଭିତରି ଭାଗରେ ଥିବା ଚାରିକାନ୍ଥରେ ଚୂନ ଲେପନ୍ତୁ ।

ବାତ୍ୟା ପରେ ଗୁହାଳ ଘରଟିକୁ ସଫା କରି ବ୍ଲିଚିଂ ପାଉଡର, ଚୂନ, ଫିନାଇଲ୍ ଅଥବା ପୋଟାସିୟମ୍ ପରମାଂଗାନେଟ୍ ଦ୍ରବଣରେ ଭଲ ଭାବେ ଧୁଅନ୍ତୁ । ଚଟାଣ ଓଦା ଥିଲେ ପାଉଁଶ, ବାଲି, କରତ ଗୁଣ୍ଡ ବା ଶୁଖିଲା ଅଖା ପକାନ୍ତୁ । ପାଣି ଜମି ରହିଥିବା ଜାଗାରୁ ମଶା, ମାଛି, ଡାଆଁଶ ତଥା ଅଣୁଜୀବ ମାନଙ୍କ ବଂଶ ବୃଦ୍ଧି ଘଟିଥାଏ । ତେଣୁ ଗୁହାଳରେ ଧୂଆଁ ଦିଅନ୍ତୁ । ବାତ୍ୟା ସମୟରେ ବିଷାକ୍ତ କୀଟ ଓ ସରୀସୃପ ଗୁହାଳରେ ଆଶ୍ରୟ ନେବାର ସମ୍ଭାବନା ଥିବାରୁ ଏଥିପ୍ରତି ଯତ୍ନବାନ ହୁଅନ୍ତୁ ।



## ପିଇବା ପାଣି

ବାତ୍ୟା ସମୟରେ ସ୍ୱଚ୍ଛ ନିର୍ମଳ ପିଇବା ପାଣିର ବ୍ୟବସ୍ଥା କରନ୍ତୁ, ନ ହେଲେ ବଦହଜମି ହେବା ସହିତ ସ୍ୱାସ୍ଥ୍ୟ ଖରାପ ହୋଇଥାଏ ତଥା ଦୂଷିତ ପାଣି ମାଧ୍ୟମରେ ରୋଗ ବ୍ୟାପିବାର ସମ୍ଭାବନା ଥାଏ । ପାଣି ପିଇବାକୁ ଦେବା ପୂର୍ବରୁ ଉଭୟ ପାଣି ଓ ପାଣି ପାତ୍ରକୁ ବିଶୋଧନ କରନ୍ତୁ । ଗୋଳିଆ ପାଣିକୁ ଫୁଟାଇବା ପରେ ଛାଣି ଥଣ୍ଡା କରି ଅଥବା ଗଭୀର ନଳକୂପର ପରିଷ୍କାର ପାଣିକୁ ପିଇବାକୁ ଦିଅନ୍ତୁ । ପାଣିର ବିଶୋଧନ ପାଇଁ ବ୍ଲିଚିଂ ପାଉଡର, ଚୂନ, ଫିଟିକିରି ତଥା କ୍ଲୋରିନ୍ ଓ ହାଲୋଜେନ୍ ବଟିକା ଆଦି ବ୍ୟବହାର କରାଯାଇଥାଏ । ଏହାର ମାତ୍ରା ବ୍ୟବହାର ହେଉଥିବା ଜଳର ଗୁଣାତ୍ମକ ମୂଲ୍ୟ, ରସାୟନିକ ଉପାଦାନର ମାତ୍ରା ଓ ପ୍ରକ୍ରିୟା କରଣ ବିଧି ଉପରେ ନିର୍ଭର କରିଥାଏ ।

## ଖାଦ୍ୟ ବ୍ୟବସ୍ଥା

ବାତ୍ୟାର ସୂଚନା ମିଳିଲେ ଶୁଖିଲା ଖାଦ୍ୟ, ଘାସ, ନଡା ଓ ଘାସ ଆଚାର ଇତ୍ୟାଦି ସାଇତି ରଖନ୍ତୁ । ଅଧିକ ପ୍ରଭାବ ପଡିବା ସ୍ଥାନରେ ଗୋରୁଗାଈ ସହିତ ବାତ୍ୟା ରହଣୀ ସ୍ଥାନକୁ ଗୋଖାଦ୍ୟ ନେଇରଖନ୍ତୁ । ଓଦା ହୋଇ ଫିମ୍ପି ମାରିଥିବା ତଥା ବାସି ବା ରନ୍ଧାଖାଦ୍ୟ ଖାଇବାକୁ ଦିଅନ୍ତୁ ନାହିଁ । ନ ହେଲେ ତରଳ ଝାଡା ହୋଇଥାଏ । ଘାସ ଓ ନଡାକୁ ଛୋଟଛୋଟ କରି କାଟି ଖାଇବାକୁ ଦେଲେ ଭଲ ହଜମ ହୋଇଥାଏ । ରିଲିଫ୍‌ରେ ମିଳୁଥିବା ଦାନାକୁ ସାଇତି ରଖି ଅଳ୍ପ ଅଳ୍ପ କରି ଖାଇବାକୁ ଦିଅନ୍ତୁ, ଯେପରିକି ସବୁଠାରୁ ଅଧିକ ପଶୁଙ୍କୁ ବଂଚାଇହେବ । ଗୋଖାଦ୍ୟ କମ୍ ଥିଲେ ଦୁଧିଆଳୀଗାଈ, ଗର୍ଭବତୀ ଗାଈ, ବାଛୁରୀ, କାମକରୁଥିବା ବଳଦ, ପଡିଆ ଗାଈ, ଷଣ୍ଢ ଓ ବଳଦଙ୍କୁ ଏହି କ୍ରମ ଅନୁସାରେ ପ୍ରାଧାନ୍ୟ ଦିଅନ୍ତୁ । ବାତ୍ୟା ସମୟରେ ଭାଙ୍ଗିଥିବା ଗଛ ଯଥା ଅଶ୍ୱତ୍ଥ, ନିମ୍ବ, ବାଉଁଶ, କୃଷ୍ଣଚୂଡ଼ା, ଆମ୍ବ, ପଣସ, ବବୁଲ, ସୁବାବୁଲ ଓ କଦଳୀ ଆଦି ଗଛର ପତ୍ରକୁ ପ୍ରାଣୀମାନଙ୍କୁ ଖାଇବାକୁ ଦିଅନ୍ତୁ । ଅଧିକ କ୍ଷୀର ଦେଉଥିବା ବା ଗର୍ଭବତୀ ପ୍ରାଣୀଙ୍କୁ ପତ୍ର ସହିତ ସ୍ଥାନୀୟ ଗୋଖାଦ୍ୟ ଉପାଦାନ ଯଥା ମକାଗୁଣ୍ଡ, ଚୋକଡ, କୁଣ୍ଡା, ବିରି-ମୁଗଚୂନି, ବାଦାମ ପିଡ଼ିଆ, ରାବଗୁଡ଼, ଲୁଣ ଓ ଖଣିଜ ଲବଣ ମିଶାଇ ଗାଈଗୋରୁଙ୍କୁ ଖାଇବାକୁ ଦିଅନ୍ତୁ । ଫସଲ ଅବଶେଷ ଯେପରିକି ଧାନ, ଗହମ ଓ ସୂର୍ଯ୍ୟମୁଖୀ ନଡ଼ା, ମକାକାଣ୍ଡ ଓ ଚୋପା, ବାଦାମ ନଡ଼ା ଓ ଚୋପା, ତଥା ଅଦରକାରୀ ପରିବା ଯଥା ଅଦରକାରୀ ଆଳୁ, କଖାରୁ, ବିଲାତି, ମଟରଚୋପା, ଲାଉ ଓ ଗାଜର ଇତ୍ୟାଦି ଖାଇବାକୁ ଦିଅନ୍ତୁ । ଖାଇବାକୁ ଦେବାର ୧-୨ ଘଣ୍ଟା ପୂର୍ବରୁ ଏଗୁଡିକୁ ପାଣିରେ ଭିଜାଇ ଖାଇବାକୁ ଦିଅନ୍ତୁ । ରିଲିଫ୍‌ର ବଳକା ଖାଦ୍ୟକୁ କେବେବି ପ୍ରାଣୀମାନଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ, କିନ୍ତୁ ରୋଷେଇ ଶାଳରୁ ବାହାରୁ ଥିବା ପେଜକୁ ବାହାରେ ନ ପକାଇ ଗାଈଗୋରୁଙ୍କୁ ଖାଇବାକୁ ଦିଆଯାଇ ପାରିବ । ବାତ୍ୟାରେ ଅପରିଷ୍କାର ମାଟି ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଘାସ ଓ ଚାରଣ ଭୂମି ଉପରେ ମାଡି ଯାଇଥାଏ, ତେଣୁ ବାତ୍ୟାର ୧୦-୧୫ ଦିନ ଯାଏ ଗୋରୁଗାଈଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ ।

ବାତ୍ୟା ପାଇଁ ଖାଦ୍ୟରେ ଭିଟାମିନ୍-ଖଣିଜ ମିଶ୍ରଣ (ମିନ୍‌ରାଲ ପାଉଡ଼ର), ବାଇପାସ୍ ଫ୍ୟାଟ୍-ପ୍ରୋଟିନ୍, ହଜମକାରୀ ମିଶ୍ରଣ, ଲୁଣ (୩୦-୫୦ ଗ୍ରାମ୍), ଖାଇବାସୋଡା (କିଲୋ ଗୋଖାଦ୍ୟ ପାଇଁ ୧ ଗ୍ରାମ୍) ଓ ପ୍ରୋବାୟୋଟିକ୍ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଖୁଆନ୍ତୁ । ଦିନ ବେଳା ଦାନା କମ୍ ଖାଇବାକୁ ଦେଇ ସୂର୍ଯ୍ୟାସ୍ତ ପରେ ଅଧିକ ଦାନା ଦିଅନ୍ତୁ । ତନ୍ତୁବା ନଡ଼ା ଜାତୀୟଖାଦ୍ୟ ବଦଳରେ ସବୁଜ ଘାସ ଅଧିକ ଖାଇବାକୁ ଦିଅନ୍ତୁ । ପରିବେଶ ଅଧିକ ଗରମ ଥିଲେ ଖାଦ୍ୟରେ ଭିଟାମିନ୍ ଏ, ସି, ଡି, ଇ ତଥା କ୍ରୋମିୟମ, ସେଲେନିୟମ୍, ଦସ୍ତା ଓ ତମ୍ବା ଆଦି ଥିବା ଭିଟାମିନ୍-ଖଣିଜ ମିଶ୍ରଣ ଓ ରୋଗ ପ୍ରତିରୋଧକ ଶକ୍ତି ବର୍ଦ୍ଧକ ଔଷଧ ଖୁଆଇବା ଦରକାର ।

## ସଂକ୍ରାମକ ରୋଗ ନିୟନ୍ତ୍ରଣ

ବାତ୍ୟା ସମୟରେ ଗାଈଗୋରୁ ଆହତ ହେବା ସହିତ ମୃତ୍ୟୁବରଣ କରିଥାନ୍ତି । ପଚାସଢା ଶବ ପାଣିରେ ମିଶିଲେ ବେଳେବେଳେ ମହାମାରୀର ରୂପ ନେଇଥାଏ ତଥା ସ୍ଥାନୀୟ ପଶୁପକ୍ଷୀ ଓ ମନୁଷ୍ୟଙ୍କର ଅପମୃତ୍ୟୁର କାରଣ ହୋଇଥାଏ, ତେଣୁ ଶବ ଗୁଡିକୁ ଏଣେତେଣେ ନ ପକାଇ ଏକ ଉଚ୍ଚ ସ୍ଥାନରେ ୫-୬ ଫୁଟ୍ ଗଭୀର ଗାତ କରି ପୋତି ଦେବା ଦରକାର, ଯେପରିକି ଗାତ ଭିତରକୁ ପାଣି ପଶି ପାରୁ ନଥିବ । ପଶୁ ଉପରେ ପାଖାପାଖି ଦୁଇ ଇଂଚ୍ ବହଳର ମୋଟା ଚୂନ ଧାର ଦିଅନ୍ତୁ । ଆହତ ପ୍ରାଣୀ ମାନଙ୍କର ଯଥାଶୀଘ୍ର ଚିକିତ୍ସା କରାନ୍ତୁ । ଅତ୍ୟଧିକ ଗରମ ହେଉଥିଲେ ମୁଣ୍ଡରେ ଓଦା କପଡ଼ା ବା ଅଖା ରଖିଦିଅନ୍ତୁ ଓ ଥଣ୍ଡା ପାଣିରେ ପୋଛିଦେଇ ଗଛ ତଳେ ଅଥବା ଛାଇ ସ୍ଥାନରେ ରଖନ୍ତୁ ।

ବାତ୍ୟା ପରେ କୌଣସି ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ